## ସମ୍ବଲପୁରରେ ଅଗ୍ନିବର୍ଷା ଜାରି

# ୪୩ ଡିଗ୍ରୀ ତଳକୁ ଖସୁନି ପାରଦ

ସମ୍ବଲପୁର, ୨୮।୪ (ସମିସ)

ସମ୍ବଲପୁରରେ ଅଗ୍ନିବର୍ଷା ଜାରି ରହିଛି। ଚଳିତବର୍ଷ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ୧୩ ତାରିଖରେ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିଲା। ସମ୍ପ୍ରତି ଗତ ୮ ଦିନ ହେବ ୪୩ ଡିଗ୍ରୀ ତଳକୁ ପାରଦ ଖସୁନାହିଁ। ସକାଳ ନ ପାହୁଣୁ ଗରମ ପବନ ବହୁଥିବାବେଳେ ଦିନ ହେବା ସଙ୍ଗେ ସଙ୍ଗେ ଖରା ତାତି ବଢ଼ି ବଢ଼ି ଚାଲିଛି। ଖରା ତାତି ସାଙ୍ଗକୁ ତାତିଲା ପବନ ଏବଂ ଗୁଳୁଗୁଳି ହେଉଛି। ସନ୍ଧ୍ୟା ପରେ ବି ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଗରମ ପବନ ବହିବା ସହ ଜନଜୀବନ ଅସହ୍ୟ ହୋଇ ପଡ଼ିଲାଣି। ଉଷ୍ମ ରାତି ପ୍ରଭାବରେ ସର୍ବନିମ୍ନ ତାପମାତ୍ରା ମଧ୍ୟ ୨୮ ରୁ ୨୯ ଡିଗ୍ରୀ ରହୁଛି। ଲୋକେ ଦିନବେଳା ତ ଦୂରର କଥା ରାତିବେଳା ମଧ୍ୟ ଘରର ଚାରିକାନ୍ଥ ମଧ୍ୟରେ ରହିପାରୁନାହାନ୍ତି। ଦିନବେଳା ବାହାରକୁ ବାହାରିଲେ ପ୍ରଚଣ୍ଡ ଗ୍ରୀଷ୍ମଦାହରେ ହନ୍ତସନ୍ତ ହେଉଛନ୍ତି ଲୋକେ। ଶୋଷରେ ତଣ୍ଟି ଖୁଖି ଯାଉଥିବାବେଳେ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ଯୋଗାଣ ବିଭାଗର ଅଘୋଷିତ ବିଦ୍ୟୁତ୍‌କାଟ୍ ଏବଂ ଲୋ-ଭୋଲ୍ଟେଜ ସମସ୍ୟା ଲାଗି ରହିଛି। ମଙ୍ଗଳବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ରହିଥିଲା। ଉଷ୍ମ ରାତି ପ୍ରଭାବରୁ ସର୍ବନିମ୍ନ ତାପମାତ୍ରା ମଧ୍ୟ ଅଧିକ ରହୁଛି। ଗତ ୨୧ ତାରିଖରୁ ସମ୍ବଲପୁରର ତାପମାତ୍ରା ୪୩ ଡିଗ୍ରୀ ତଳକୁ ଖସୁନି। ଗତ ୨୧ ତାରିଖ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୨.୫ ଡିଗ୍ରୀ (୨୭.୮), ୨୨ ତାରିଖରେ ୪୩.୩ ଡିଗ୍ରୀ (୨୫.୦), ୨୩ ତାରିଖରେ ୪୩.୦ ଡିଗ୍ରୀ (୨୫.୪), ୨୪ ତାରିଖରେ ୪୩.୬ ଡିଗ୍ରୀ (୨୪.୯), ୨୫ ତାରିଖରେ ୪୨.୬ ଡିଗ୍ରୀ (୨୬.୨), ୨୬ ତାରିଖରେ ୪୪.୦ ଡିଗ୍ରୀ (୨୮.୦), ୨୭ ତାରିଖରେ ୪୩.୨ ଡିଗ୍ରୀ (୨୯.୦) ଏବଂ ଆଜି ୨୮ ତାରିଖରେ ୪୩.୫ ଡିଗ୍ରୀ (୨୮.୫) ତାପମାତ୍ରା ରହିଛି।

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକ ଗତ ୨୦ ତାରିଖରୁ ୩ ଦିନ ପାଇଁ ବନ୍ଦ ଘୋଷଣା କରାଯାଇଥିବାବେଳେ ତାହା ପୁଣି ୨୭ ତାରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଥିଲା। ପରେ, ରାଜ୍ୟ ସରକାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ଗୁଡ଼ିକର ଖରା ଛୁଟି ୨୭ ତାରିଖରୁ ଘୋଷଣା କରିଛନ୍ତି। ଜୁନ ୧୮ରେ ବିଦ୍ୟାଳୟ ଗୁଡ଼ିକ ଖୋଲିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖରା ଛୁଟି ଘୋଷଣା କରାଯାଇଥିବାବେଳେ ଏବେ ମଧ୍ୟ କଲେଜ ଗୁଡ଼ିକ ଖୋଲା ରହିଛି। ଛାତ୍ରଛାତ୍ରୀମାନେ ଅସହ୍ୟ ଖରା ଓ ଗୁଳୁଗୁଳିରେ ପାଠ ପଢ଼ିବା ପାଇଁ ଯାଉଛନ୍ତି। କେତେକସ୍ଥଳେ ବିଦ୍ୟାର୍ଥୀମାନେ ଅଂଶୁଘାତର ଶିକାର ହୋଇ ଅସୁସ୍ଥ ହେବା ନଜିର ରହିଛି। ମୁଣ୍ଡରେ ଗାମୁଛା ବାନ୍ଧି, ଛତା ଧରି ଗଲେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଘାତକ ହେଉଛି। ଏମିତିରେ 'କଲେଜ ପଢ଼ିଲେ, ଖରା କାଟେନି' ବୋଲି ସାଧାରଣରେ ସମାଲୋଚନା କରାଯାଉଛି। ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି କହିଛନ୍ତି, ଗ୍ରୀଷ୍ମପ୍ରବାହ ପ୍ରତିଦିନ ବଢ଼ିବାରେ ଲାଗିଛି। ଏହାଦ୍ୱାରା କଲେଜ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଂଶୁଘାତ ଆକ୍ରାନ୍ତ ହେବା ଆଶଙ୍କା ମଧ୍ୟ ରହିଛି। ଏପରିସ୍ଥଳେ, ରାଜ୍ୟ ସରକାର ସ୍ଥିତି ବିଚାରକୁ ନେଇ କଲେଜ ଗୁଡ଼ିକ ମଧ୍ୟ ଦିନ ୧୦ଟା ପରେ ବନ୍ଦ କରିବାସହ ଶୀଘ୍ର ଖରା ଛୁଟି ଘୋଷଣା କରିଦେବା କଥା।



କଲେଜ ପଢ଼ିଲେ, ଖରା କାଟେନି!!

## ବରୋଦା ବ୍ୟାଙ୍କ୍ ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ



ସମ୍ବଲପୁର, ୨୮।୪ (ସମିସ) : ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ପ୍ରଭାକର ଝପଟସିଂହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଝପଟସିଂହ ୩୦ ମେ ୨୦୦୫ରେ ବ୍ୟାଙ୍କରେ ଯୋଗ ଦେଇଥିଲେ ଏବଂ ଗ୍ରାମୀଣ, ସହରାଞ୍ଚଳ ଓ ମେଟ୍ରୋ କ୍ଷେତ୍ର ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ୨୧ ବର୍ଷର ବ୍ୟାଙ୍କିଙ୍ଗ୍ ଅନୁଭବ ସହିତ ସେ ଓଡ଼ିଶା, ଗୁଜୁରାଟ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ ତେଲେଙ୍ଗାନା ଆଦି ୫ଟି ରାଜ୍ୟରେ କାର୍ଯ୍ୟ କରିଛନ୍ତି। ତାଙ୍କର ଶାଖା ବ୍ୟାଙ୍କିଙ୍ଗ୍, ପ୍ରଶାସନିକ କାର୍ଯ୍ୟ ଓ ଋଣ କ୍ଷେତ୍ରରେ ଦୃଢ଼ ପାରଦର୍ଶିତା ରହିଛି। ସମ୍ବଲପୁର ଅଧୁନା ଓଡ଼ିଶାର ୧୬ଟି ଜିଲ୍ଲାକୁ ଉତ୍ତମ ଗ୍ରାହକ ସେବା ଓ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଯୋଗାଇଦେବା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ଶ୍ରୀ ଝପଟସିଂହ ଏହାପୂର୍ବରୁ ହାଇଦ୍ରାବାଦରେ ଉପକ୍ଷେତ୍ରୀୟ ମୁଖ୍ୟ ରୂପେ କାର୍ଯ୍ୟରତ ଥିଲେ। ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ରର ଅଧିକାରୀ ଓ କର୍ମଚାରୀମାନେ ଶ୍ରୀ ଝପଟସିଂହଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।

## ଏମ୍‌ସିଏଲ୍‌ରେ କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦିବସ



ସମ୍ବଲପୁର, ୨୮।୪(ସମିସ): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ମୁଖ୍ୟାଳୟରେ ସୋମବାର ଆନ୍ତର୍ଜାତୀୟ ଶ୍ରମ ସଂଗଠନର କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କାର୍ଯ୍ୟାଳୟ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ ଏବଂ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ। କୋଲଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ବି. ସାଇରାମ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ବାର୍ତ୍ତାକୁ ଏମ୍‌ସିଏଲର ମହାପ୍ରବନ୍ଧକ (ସୁରକ୍ଷା ଏବଂ ଉଦ୍ଧାର) ସୁନୀଲ ଶର୍ମା ପାଠ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ବେହୁରା ସୁରକ୍ଷାକୁ ଦୈନିକ ଜୀବନଶୈଳୀରେ ପରିଣତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ ଏବଂ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ସମାନ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ। ସେ କର୍ମଚାରୀଙ୍କ ସାମଗ୍ରିକ କଲ୍ୟାଣ ଏବଂ ଉତ୍ପାଦକତା ପାଇଁ ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଉପରେ ମଧ୍ୟ ଆଲୋକପାତ କରିଥିଲେ।

## ସମ୍ବଲପୁରରେ ଜନଆକ୍ରୋଶ ମହିଳା ସମାବେଶ

ସମ୍ବଲପୁର, ୨୮।୪ (ସମିସ): ସଂସଦରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ପାରିତ ହୋଇ ନ ପାରିବା ଯୋଗୁଁ ସମଗ୍ର ଦେଶରେ ମହିଳାଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ମର୍ମରେ ଆଜି ଜେଲ୍ ଛକ ନିକଟସ୍ଥ ଗୁରୁଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାଠାରେ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜେଲ୍ ଛକରୁ ସମ୍ବଲପୁରୀ ଡେରା ଯାଏଁ ଏକ ରାଲି ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ ଡେରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ମହିଳା ସ୍ୱାଧୀନତା, ମହିଳା ସଶକ୍ତିକରଣ ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯୋଜନା ଏବଂ ନାରୀ ଶକ୍ତି ନନ୍ଦନ ଅଧିନିୟମ ବିଲ୍ ଜରିଆରେ ମହିଳାଙ୍କୁ ସଂସଦ ଓ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ ପାଇଁ ଚେଷ୍ଟା କରିବା ବିଷୟରେ ମହିଳା ନେତ୍ରୀମାନେ ଉଦ୍‌ବୋଧନ ଦେଇଥିଲେ। ବିରୋଧି ଇଣ୍ଡି ଗଠବନ୍ଧନ କିଭଳି ମହିଳା ଆରକ୍ଷଣକୁ ବିରୋଧ କରି ବିଲ୍‌କୁ ପାରିତ କରାଇ ଦେଇ ନଥିଲେ ସେଥିପାଇଁ ବିରୋଧିଙ୍କ ଉପରେ ଗର୍ଜିଥିଲେ। ସଭାକୁ ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ସୁଷମା ସାହୁ ପରିଚାଳନା କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୀନା ପଟେଲ ଏବଂ ସମ୍ମାନିତ ଅତିଥି ଭାବେ ଅର୍ଚ୍ଚନା ମେହେର ଓ ସ୍ନିଗ୍ଧାଶ୍ରୀ ମିଶ୍ର ଯୋଗ ଦେଇଥିଲେ। ସବିତା ନନ୍ଦ, ଶୁଭଶ୍ରୀ ମିଶ୍ର, ସସ୍ମିତା ଦେହୁରୀ, ଟିକି ପ୍ରଧାନ, ପୁଷ୍ପାଞ୍ଜଳି ଜେନା, ରୁନୁ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଶେଫାଳୀ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।




## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗରେ ଜାତୀୟ ସମ୍ମିଳନୀ




ସମ୍ବଲପୁର, ୨୮।୪(ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଭାରତୀୟ ଜ୍ଞାନ ପ୍ରଣାଳୀ ସହ ଶିକ୍ଷକ ଶିକ୍ଷା / ଶିକ୍ଷଣର ପୁନର୍ଜୀବନ' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଛତିଶଗଡ଼ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟର ପ୍ରଫେସର ନିଶା ଶ୍ରୀବାସ୍ତବ ଓ ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ଓ ଛାତ୍ରାବାସ ସମୂହର ମୁଖ୍ୟ ପ୍ରଫେସର ଖଗେନ୍ଦ୍ରନାଥ ସେଠୀ ପ୍ରମୁଖ ଯୋଗଦେଇ ଏହି ଆଲୋଚନାଚକ୍ର ଶିକ୍ଷା କ୍ଷେତ୍ରରେ ଭାରତୀୟ ମୂଲ୍ୟବୋଧର ସମ୍ମିଶ୍ରଣ କରି ଏକ ନୂତନ ସୃଜନଶୀଳ ଦିଗ ଦେଖାଇବ ବୋଲି ଆଶାପ୍ରକାଶ କରିଥିଲେ। ବିଭାଗୀୟ ସଂଯୋଜକ ପ୍ରଫେସର ରାଜେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ ଏବଂ ସମ୍ମିଳନୀ ଆବାହକ ପ୍ରଫେସର ଯୁବରାଜ ଖମାରୀ ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଆୟୋଜନ କମିଟି ସମ୍ପାଦକ ଡ. ବେଣୁଧର ପ୍ରଧାନଙ୍କ ଉପସ୍ଥିତିରେ ସାରାଂଶ ପତ୍ରିକା ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଋଷିକୁଳ ସେବାଶ୍ରମ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ଏବଂ ଗୁରୁକୁଳ ହରିପୁରର ଆଚାର୍ଯ୍ୟ ଡ. ସୁଦର୍ଶନ ଦେବ ଯୋଗଦେଇ ଆଧୁନିକ ସମାଜରେ ବେଦ ଓ ଉପନିଷଦର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଚିନ୍ମୟୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶେଷରେ ଆସିଷ୍ଟାଣ୍ଟ ପ୍ରଫେସର ଶ୍ରବଣ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଦୁଃଖନାଶନ ଜଣେ ବିରଳ କଳାକାର'

ସମ୍ବଲପୁର, ୨୮।୪ (ସମିସ): ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଆଜି ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ସ୍ୱନାମଧନ୍ୟ ସଞ୍ଚାର କଳାକାର ଦୁଃଖନାଶନ ବେହେରାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦୁଃଖନାଶନ ଜଣେ ବିରଳ କଳାକାର ଥିଲେ। ତାଙ୍କ ଜୀବଦ୍ଦଶାରେ ସେ ଯେଉଁ ସମ୍ମାନର ଅଧିକାରୀ ତାହା ପାଇପାରିଲେ ନାହିଁ। ତାଙ୍କ ବିୟୋଗ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଛି। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ଡଃ ଶ୍ୟାମସୁନ୍ଦର ଧର, ଡଃ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡଃ କାମଦେବ ସାହୁ, ମୋତିଲାଲ ଦୋରା, ରଞ୍ଜନ ସାହୁ, ମାନସ କୁମାର ଷଡ଼ଙ୍ଗୀ, ସବିତା ମିଶ୍ର, ରବୀନ୍ଦ୍ର ପଣ୍ଡା, ରାଜେନ୍ଦ୍ର କୁମାର ପଣ୍ଡା, ରତ୍ନଭୂଷଣ ପୁରୁଷେଠ, ଅଶୋକ କୁମାର ପଣ୍ଡା ପ୍ରମୁଖ ଦୁଃଖନାଶନଙ୍କ କଳା ଓ ସଙ୍ଗୀତ ଯାତ୍ରା ବିଷୟରେ ଆଲୋଚନା କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦୁଃଖନାଶନଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। 'ସ୍ୱୀକାର'ର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ରାଜେନ୍ଦ୍ର ସତନାମୀ ଓ ତନ୍ମୟ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଜିଲ୍ଲା ଓକିଲ ସଂଘ ପକ୍ଷରୁ 'ଲୟର୍ସ ଡେ' ପାଳିତ

ସମ୍ବଲପୁର, ୨୮।୪(ସମିସ): ସମ୍ବଲପୁରର ବିକାଶରେ ଆଇନଜୀବୀ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ସମ୍ବଲପୁରବାସୀଙ୍କ ସୁବିଧା ଅସୁବିଧା ସହିତ ଆଇନଜୀବୀମାନେ ଜଡ଼ିତ ହୋଇ ସମ୍ବଲପୁରକୁ ଏକ ଅତ୍ୟାଧୁନିକ ସହର ସ୍ମାର୍ଟ ସିଟିରେ ପରିଣତ କରିବା ପାଇଁ ଆଗେଇ ଆସନ୍ତୁ ବୋଲି ମୁଖ୍ୟବକ୍ତା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ଚନ୍ଦ୍ର କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଆରଡିସି ଶ୍ରୀ ମହାପାତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ ଦର୍ଶନ ଏବଂ ସମାଜ ଗଠନରେ ଓକିଲ ମାନଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅତିଥି ମାନେ ସମ୍ବଲପୁରର ପ୍ରଥମ ଓକିଲ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ର ଶେଖର ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓକିଲ ସଂଘ ସଭାପତି ଚନ୍ଦ୍ର କୁମାର ପୁରୋହିତ ସ୍ୱାଗତ ବକ୍ତବ୍ୟ ଦେଇଥିବାବେଳେ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ଓକିଲ ପ୍ରମୋଦ କୁମାର ଦାଶ, ସଂଯୁକ୍ତା ମହାନ୍ତି, ଶରତ ଚନ୍ଦ୍ର ନାୟକ, ସତ୍ୟନାରାୟଣ ପଣ୍ଡା ଓ ଅଶୋକ କୁମାର ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସଭାପତି ରବି ରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ରେଳଲାଇନ୍ କଡ଼ରୁ ମୃତଦେହ ଉଦ୍ଧାର

କୁଚିଣ୍ଡା, ୨୮।୪(ସମିସ): ବାମରା ପୁଲିସ ବାମରା ବ୍ଲକ ନୁନିଆମୁଣ୍ଡା ଶୀତଳଭଣ୍ଡାର ନିକଟସ୍ଥ ରେଳଲାଇନ୍ କଡରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମିଳିଥିବା ସୂଚନା ଅନୁସାରେ, ସୋମବାର ସକାଳ ସମୟରେ ସ୍ଥାନୀୟ ଲୋକେ, ନୁନିଆମୁଣ୍ଡା ଶୀତଳଭଣ୍ଡାର ନିକଟସ୍ଥ ରେଳଲାଇନ୍ କଡରେ ଜଣେ ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ବାମରା ଜିଆରପି ପୁଲିସକୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ବାମରା ଜିଆରପି ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ମୃତ ବ୍ୟକ୍ତି ଜଣକ କୌଣସି ଚଳନ୍ତା ଟ୍ରେନରୁ ଖସି ପଡ଼ିଥିବାରୁ ତାଙ୍କର ମୃତ୍ୟୁ ଘଟିଥାଇପାରେ ଅନୁମାନ କରାଯାଉଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ମୃତଦେହକୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ରଖିଥିବା ଜଣାପଡ଼ିଛି। ମୃତ ବ୍ୟକ୍ତିଙ୍କ ପାଖରୁ କିଛି କାଗଜପତ୍ର ମିଳିଛି ଏବଂ ପୁଲିସ ତଦନ୍ତ ଜାରି ରଖିଛି। ଫାଣ୍ଡି ଅଧିକାରୀ ଅରୁଣ ଭଇଁସାଲ କହିଛନ୍ତି ମୃତକଙ୍କ ପରିଚୟ ମିଳିବା ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରୟାସ ଜାରି ରହିଛି ଏବଂ ଶୀଘ୍ର ତାଙ୍କ ପରିଚୟ ମିଳିଯିବା ଆଶା କରାଯାଉଛି। ସେଥିପାଇଁ ଘଟଣାର ସମସ୍ତ ପରିସ୍ଥିତିକୁ ନଜରରେ ରଖି ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି।

## ୨ ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗରେ ୨ ଗିରଫ

ରେଢ଼ାଖୋଲ, ୨୮।୪(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ପ୍ରେମ ପ୍ରତାରଣା ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ନାକଟିଦେଉଳ ଥାନା ଝାରବେଡଗ୍ରାମର କର ବେହେରା (୨୬)। ସୂଚନା ଯୋଗ୍ୟ ଯେ ଅଭିଯୁକ୍ତ କର ବେହେରା ସମ୍ପୃକ୍ତ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ନାବାଳିକାକୁ ପ୍ରତାରଣା କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାରଲୋକେ ଅବଗତ ହେବା ପରେ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ରେଢ଼ାଖୋଲ ପୁଲିସ କେସ୍ ନମ୍ବର ୬୯/୨୦୨୬ରେ ମାମଲା ରୁଜୁ କରିଥିଲା। ପୁଲିସ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ କର ବେହେରାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ସେହିପରି ରେଢ଼ାଖୋଲ ସହରର ସ୍ଥାନୀୟ ଯଦୁମଣିପାଟଣା ବାସିନ୍ଦା ଜଣେ ଯୁବକ ପ୍ରକାଶ ମୁଣ୍ଡା(୨୬) ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ସମ୍ପର୍କରେ ଆସି ଶାରୀରିକ ସମ୍ପର୍କ ରଖି ପ୍ରେମ ପ୍ରତାରଣା ଦେଇଥିଲେ। ଏ ସଂକ୍ରାନ୍ତରେ ନାବାଳିକା ପରିବାର ଲୋକେ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଉକ୍ତ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।





## ଭୁବନେଶ୍ୱର-ଧାନବାଦ ଏକ୍ସପ୍ରେସରେ ଲାଗିଲା ଏଲ୍‌ଏଚ୍‌ବି କୋଚ୍

ସମ୍ବଲପୁର, ୨୮।୪ (ସମିସ): ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ଯାତ୍ରା ଅନୁଭୂତିକୁ ଅଧିକ ଉନ୍ନତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଟ୍ରେନ୍ ନମ୍ବର ୧୮୪୦୩ / ୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସରେ ଦ୍ୱିତୀୟ ଏଲଏଚବି ର୍‌ୟାକ୍ ସାମିଲ କରାଯାଇଛି। ଏହି ଟ୍ରେନର ପ୍ରଥମ ଏଲଏଚବି ର୍‌ୟାକ୍ ପୂର୍ବରୁ ଭୁବନେଶ୍ୱରରୁ ୨୧ ଏପ୍ରିଲ ଏବଂ ଧାନବାଦରୁ ୨୨ ଏପ୍ରିଲଠାରୁ କାର୍ଯ୍ୟକାରୀ ହୋଇଥିଲା। ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରି ଏବେ ଦ୍ୱିତୀୟ ଏଲଏଚବି ର୍‌ୟାକ୍ ଭୁବନେଶ୍ୱରରୁ ୨୮ ଏପ୍ରିଲ ଏବଂ ଧାନବାଦରୁ ୨୯ ଏପ୍ରିଲ ଠାରୁ ପ୍ରଚଳନ କରାଯିବ। ଏହା ସହିତ ଏହି ଟ୍ରେନ୍‌ଟି ଏବେ ସମ୍ପୂର୍ଣ୍ଣ ଭାବେ ଏଲଏଚବି କୋଚ୍ ଦ୍ୱାରା ପରିଚାଳିତ ହେବ। ପାରମ୍ପରିକ ଆଇସିଏଫ୍ କୋଚ୍ ବଦଳରେ ସମ୍ପୂର୍ଣ୍ଣ ଭାବେ ଏଲଏଚବି କୋଚ୍ ବ୍ୟବହାର କରିବ। ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ସମ୍ପୂର୍ଣ୍ଣ ରୂପେ ଏଲଏଚବି କୋଚ୍ ପ୍ରଚଳନ ହେବା ଏହି ଦିଗରେ ଆଉ ଏକ ମାଇଲଖୁଣ୍ଟ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

## ଡିଏଭି ବୁର୍ଲାରେ ମଧୁସୂଦନ ଜୟନ୍ତୀ




ସମ୍ବଲପୁର, ୨୮।୪ (ସମିସ): ଡିଏଭି ବୁର୍ଲା ବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ୍ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କରି ମଧୁବାବୁଙ୍କୁ ଶ୍ରଦ୍ଧାପୁଷ୍ପ ଅର୍ପଣ କରାଯାଇଥିଲା। ସଙ୍ଗୀତ ଶିକ୍ଷକ ବିଶ୍ୱାସ ରାଉତ ଓ ତାଙ୍କ ଦଳ ଗୀତ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ବେଦବାକ୍ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନିର୍ମାତା ମଧୁବାବୁଙ୍କ ସମାଜ ପ୍ରତି ପ୍ରତିବଦ୍ଧତା ତଥା ଉତ୍କଳୀୟ ଭାବନାକୁ ବର୍ଣ୍ଣନା କରିଥିଲେ। ଶିକ୍ଷକ ସୁଶାନ୍ତ ସାହୁ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସଞ୍ଜୟ ସାହୁ, ବୀରେନ୍ଦ୍ର ବିଶ୍ୱାଳ ମଧୁବାବୁଙ୍କ ଉପରେ କବିତା ପ୍ରସ୍ତୁତ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତରାଣୀ ପଣ୍ଡା ମଧୁବାବୁଙ୍କ ସମଗ୍ର ଜୀବନୀକୁ ସଙ୍ଗୀତ ମାଧ୍ୟମରେ ପ୍ରସ୍ତୁତ କରିଥିଲେ। ଶିକ୍ଷକ ମୀନକେତନ ଭୋଇ କାର୍ଯ୍ୟକ୍ରମ ସଂଯୋଜନା ତଥା ପରିଚାଳନା କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ଶିକ୍ଷକ ଦୀପକ ସାହୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଉତ୍ସବ କମିଟି ଓ ଓଡ଼ିଆ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା।

## ଜମି ଅଧିଗ୍ରହଣ ଓ ପାଉଁଶ ପରିଚାଳନାକୁ ନେଇ ସମୀକ୍ଷା

ସମ୍ବଲପୁର, ୨୮।୪(ସମିସ): ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲ୍ଲାର ଅଧିକାରୀଙ୍କ ଉପସ୍ଥିତିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ମୁଖ୍ୟତଃ ଓଡ଼ିଶାର କୋଇଲା ବହନକାରୀ ଜିଲ୍ଲାଗୁଡ଼ିକରେ ତାପଜ ବିଦ୍ୟୁତ ପ୍ରକଳ୍ପ ସହିତ ଜଡ଼ିତ ପୁନଃସ୍ଥାପନ ଓ ପୁନର୍ବାସ (ଆର୍‌ଆଣ୍ଡଆର୍) ଏବଂ ଜମି ଅଧିଗ୍ରହଣ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବୈଠକ ଆହୂତ ହୋଇଥିଲା। ଭୁବନେଶ୍ୱରରୁ ଆଭାସୀ ଜରିଆରେ ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ସଚିବ(ରାଜସ୍ୱ)ଅରବିନ୍ଦ ପାଢ଼ୀ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ସମ୍ବଲପୁର ଆର୍‌ଡିସି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଅତିରିକ୍ତ ଜିଲ୍ଲାପାଳ ସମ୍ବଲପୁର ସୁଧାଂଶୁ କୁମାର ଭୋଇ, ଏମ୍‌ସିଏଲ୍ ନିର୍ଦ୍ଦେଶକ (ପର୍ସନାଲ), ଏନ୍‌ଏଲ୍‌ସି ପ୍ରକଳ୍ପ ମୁଖ୍ୟ ଏବଂ ସମ୍ବଲପୁର ଓ ଝାରସୁଗୁଡ଼ା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଯୋଗ ଦେଇଥିଲେ। ରାଉରକେଲାରୁ ସୁନ୍ଦରଗଡ଼ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଓ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଏବଂ ଅନୁଗୋଳରୁ ଅନୁଗୋଳ ଜିଲ୍ଲାପାଳ ଓ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଆଭାସୀ ଜରିଆରେ ଯୋଗ ଦେଇଥିଲେ।

ବୈଠକରେ ଜମି ଅଧିଗ୍ରହଣରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ପୁନଃସ୍ଥାପନ ଓ ପୁନର୍ବାସ (ଆର୍‌ଆଣ୍ଡଆର୍), ପାଉଁଶ ପରିଚାଳନାକୁ ବ୍ୟବସ୍ଥିତ କରିବା ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ବୈଠକରେ ସରକାରଙ୍କ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ଜାତୀୟ ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର, ୨୮।୪ (ସମିସ)

ସମ୍ବଲପୁର କ୍ରୀଡ଼ା ଇତିହାସରେ ଯୋଡିହେଲା ପିକଲ୍‌ବଲ। ପ୍ରଚାର ପ୍ରସାର ବିନା ୨୫ ଓ ୨୬ ତାରିଖରେ ସମ୍ବଲପୁର ସହରରେ ପ୍ରଥମ ଥର ପାଇଁ ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ସହରର ସିଟି ଷ୍ଟେସନ୍ ନିକଟରେ ଅବସ୍ଥିତ ଦ' ଡ୍ୟୁସ୍ ରାକେଟ୍ କ୍ଲବରେ ଏହି ଦୁଇଦିନିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସାରା ଦେଶରେ ଏହି ଖେଳରେ ସମ୍ବଲପୁର ଦେଖାଇଛି ନିଜର ଉପସ୍ଥିତି। କ୍ଲବ୍ ମୁଖ୍ୟ ସ୍ୱୀକୃତି ଦାଶଙ୍କ ପରିଚାଳନାରେ ଏବଂ ପିପିଆର ସ୍ୱୀକୃତିପ୍ରାପ୍ତ ପିକଲ୍‌ବଲ୍ କୋଚ୍ ସୁମିତ ପଣ୍ଡାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସମଗ୍ର ଦେଶର ପ୍ରାୟ ୬୦ ଜଣ ଖେଳାଳି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଅଣ୍ଡର-୧୨ ସିଙ୍ଗଲ୍ସରେ ରିତିକ ମେହେର, ପୁରୁଷ ଓପେନ୍ ସିଙ୍ଗଲ୍ସରେ ଆଦିତ୍ୟ ଶତପଥୀ, ପୁରୁଷ ଡବଲ୍ସରେ ସୁମିତ ପଣ୍ଡା ଓ ଯଶରାଜ ନାୟକ, ମହିଳା ସିଙ୍ଗଲ୍ସରେ ଆୟୁଷୀ ରାୟ, ଭେଟେରାନ୍ ସିଙ୍ଗଲ୍ସରେ ସନ୍ତୋଷ ଜେନା, ଭେଟେରାନ୍ ଡବଲ୍ସରେ ଉଦୀପ ଦାସ ଓ ସନ୍ତୋଷ ଜେନା ଓ ଓପେନ ମିକ୍ସ ଡବଲ୍ସରେ ଅଂଶୁମାନ ବାବୁ ଓ ବେଦିକା ଦାଶ ବିଜୟ ହାସଲ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ଦିଲ୍ଲୀରୁ ଆସିଥିବା ଦିଲୀପ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପିକଲବଲ୍ ଖେଳର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରି କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟର ପରିଚାଳନା ନିର୍ଦ୍ଦେଶିକା ତଥା ସମାଜସେବୀ ସୁସ୍ମିତା ପଣ୍ଡା ବିଜେତା ଓ ଅଂଶଗ୍ରାହୀମାନଙ୍କୁ ପଦକ ପ୍ରଦାନ କରି ସମ୍ମାନିତ କରିଥିଲେ। ସେ କହିଲେ ଯେ, ସମ୍ବଲପୁରରେ ପିକଲବଲ୍ ଖେଳର ଏହି ପ୍ରଥମ ପ୍ରୟାସ ସହରର କ୍ରୀଡ଼ା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟହୋଇ ରହିଯିବ। ସୁମିତ ପଣ୍ଡା, ସ୍ୱୀକୃତି ଏହାର ପରିଚାଳନା କରିଥିବାବେଳେ କ୍ରୀଡ଼ାବିତ ଅଂଶୁମାନ ବାବୁ ଓ ଅନ୍ୟ ଖେଳାଳୀମାନେ ସହଯୋଗ କରିଥିଲେ।



ସକାଳ
THE SAKALA



### ତୁର୍କେଲ୍ ବ୍ରିଜ୍ ନିର୍ମାଣ ଦାବି ପ୍ରସଙ୍ଗ

# ରାଜନୈତିକ ବାତାବରଣକୁ ଅଶାନ୍ତ କରୁଛି ଡବଲ ଇଞ୍ଜିନ ସରକାର

ଭବାନୀପାଟଣା,୨୮ ।୪ (ସମିସ)






ଦୀର୍ଘ ସାତ ମାସ ପୂର୍ବରୁ ତୁର୍କେଲ ବ୍ରିଜରେ ତ୍ରୁଟି କାରଣରୁ ଜନସାଧାରଣ ଏଯାବତ୍ ନାହିଁ ନଥିବା ହିନସ୍ତା ହୋଇ କାଳ କାଟୁଛନ୍ତି। ପୂର୍ତ୍ତ ବିଭାଗର ବ୍ରିଜ ନିର୍ମାଣକୁ ନେଇ ଶିଥିଳ ମନୋଭାବ ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଧିରେ ଧିରେ ଲୋକଙ୍କ ମନ ଭିତରେ କ୍ରୋଧ ବୃଦ୍ଧି ପାଉଛି। ବିଭିନ୍ନ ସମୟରେ ପ୍ରମୁଖ ରାଜନୈତିକ ଦଳ ତଥା ବିଜୁ ଜନତା ଦଳ ଓ କଂଗ୍ରେସ ଦଳ ସରକାରଙ୍କ ଏଭଳି ବେଖିଆଲି ନୀତି ପ୍ରତି ତୀବ୍ର ବିରୋଧ କରୁଛନ୍ତି। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ତୁର୍କେଲ ବ୍ରିଜ ନିକଟରେ ପହଞ୍ଚି ବାସ୍ତବ ସମସ୍ୟା ଦେଖିବା ସହିତ ସାଧାରଣ ଲୋକଙ୍କ କଷ୍ଟକୁ ହୃଦୟଙ୍ଗମ କରିଥିଲେ। କହିଥିଲେ ମୁଁ ଜଣେ କଳାହାଣ୍ଡିଆ ଭାବେ ବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦାବି ରଖିଛି। ନଚେତ୍ ୭ ଦିନ ମଧ୍ୟରେ ଆନ୍ଦୋଳନ ଡବଲ ଇଞ୍ଜିନ ସରକାରକୁ ଉଚିତ୍ ଜବାବ ଦେବ। ସେହିପରି ବ୍ରିଜ ଉପରେ ଯାନବାହାନ ଚଳାଚଳ ବନ୍ଦ କାରଣରୁ ସଦର ବ୍ଲକ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ଭବାନୀପାଟଣା-ନୂଆପଡ଼ା ସଂଯୋଗ କରୁଥିବା ରାଜ୍ୟ ରାଜପଥ ୧୬ର ତୁର୍କେଲ୍ ବ୍ରିଜ ଗତ ସେପ୍ଟେମ୍ବର ୨୭ ତାରିଖରେ

- **ପୂର୍ତ୍ତବିଭାଗ ଏଷ୍ଟିମେଟ ଦାଖଲ କରି ଚୁପ୍**
- **ମୁଣ୍ଡବିନ୍ଧାର କାରଣ ସାଜିଛି ତୁର୍କେଲ ବ୍ରିଜ୍‌ର ତ୍ରୁଟି**

ଫାଟ ଆସିବା ସହିତ ଦବି ଯାଇଥିଲା। ପରେ ଅକ୍ଟୋବର ୫ ତାରିଖରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ରିପୋର୍ଟ ପରେ ବ୍ରିଜ ଉପରୁ ଚାରି ଚକିଆ ଯାନ ବାହାନ ସହ ଭାରି ଯାନ ଗମନାଗମନ ବନ୍ଦ କରାଯାଇଥିଲା। ଯାହା ଦ୍ୱାରା ଭବାନୀପାଟଣା ସଦର ବ୍ଲକ୍‌ର କିଛି ପଞ୍ଚାୟତବାସୀ ବ୍ଲକ୍ କାର୍ଯ୍ୟାଳୟ ତଥା ଜିଲ୍ଲା ସଦର ମହକୁମା ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଲ ବନ୍ଦ ଯୋଗୁଁ ସେମାନେ ଏବେ ୩୦ କିଲୋମିଟର୍ ଦୂର ରାସ୍ତାଦେଇ ବୁଲି କି ଯିବାକୁ ପଡୁଛି। ଏହି ରାସ୍ତା ନୂଆପଡ଼ା ସହିତ ରାୟପୁରକୁ ମଧ୍ୟ ସଂଯୋଗ କରୁଛି। ତେଣୁ ଏହି ରାସ୍ତାରେ ଯାତାୟତ ବନ୍ଦ ହେବା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଚାଷୀ ଧାନ ଓ କପା ମଣ୍ଡିକୁ ନେବା ଅସମ୍ଭବ ହୋଇପଡିଥିବା ସଙ୍ଗେ ସଙ୍ଗେ ସ୍କୁଲ ଓ କଲେଜ୍ ଛାତ୍ରଛାତ୍ରୀ ପରୀକ୍ଷା ସମୟରେ ବହୁ କଷ୍ଟ ସ୍ୱୀକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ତୁର୍କେଲ୍ ବ୍ରିଜ ତୁରନ୍ତ ନିର୍ମାଣ ଦାବି ଓ ଗାଡି ଚଳାଚଳ ପାଇଁ ଗୁରୁବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତୁର୍କେଲ ବ୍ରିଜ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଥିଲା। ବର୍ତ୍ତମାନ ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଧାରଣା ଦେଇଛି। ବିଧାୟକ ସାଗର ଚରଣ ଦାସ ଗତ କିଛି ଦିନ ପୂର୍ବେ ଏହି ବ୍ରିଜ ପରିଦର୍ଶନ କରିବା ସହ ତୁରନ୍ତ ଏହି ବ୍ରିଜ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ତେବେ ବ୍ରିଜ ନିର୍ମାଣ ନ ହେଲା ଯାଏଁ କିମ୍ବା କୌଣସି ସମାଧାନର ବାଟ ପ୍ରଶାସନ ପକ୍ଷରୁ ନ ମିଳିଲା ଯାଏଁ ଏହି ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅପରପକ୍ଷରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କହିଛନ୍ତି ଯେ ତୁର୍କେଲ ବ୍ରିଜ ଉପରେ ସ୍ୱାଭାବିକ ଯାନ ବାହାନ ଚଳାଚଳ କରିବା ପାଇଁ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ବ୍ରିଜର ସମ୍ପୂର୍ଣ୍ଣ ମରାମତି ଦିଗରେ ୧୭କୋଟି ୫୦ଲକ୍ଷ ଟଙ୍କାର ଏଷ୍ଟିମେଟ ସରିଛି। ଟେଣ୍ଡର ପାଇଁ ଅପେକ୍ଷା କରାଯାଇଛି। ଟେଣ୍ଡର କମିଟିର ସୁପାରିଶ ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ଏସଡିଓ ପ୍ରକାଶ କରିଛନ୍ତି। କଳାହାଣ୍ଡି ନୂଆପଡା ଜିଲ୍ଲା ସଂଯୋଗ କରିବା ସହିତ ଛତିଶଗଡ ପାଇଁ ଏହା ଏକ ମୁଖ୍ୟ ରାସ୍ତା ହୋଇଥିଲେ ହେଁ ସରକାରଙ୍କ ଦୀର୍ଘ ନିରବତା ଜନ ଅସନ୍ତୋଷକୁ ଉସ୍କାଇ ପରିସ୍ଥିତି ବିଗାଡୁଛି ବୋଲି ଅନେକ ମତଦେଇଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ଦଳମାନେ ଏହାକୁ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷାପାଇଁ ଆନ୍ଦୋଳନକୁ ଆୟୁଧ କରି ସରକାରଙ୍କୁ ଚେତାଇବାକୁ ସ୍ୱର ଉତ୍ତୋଳନ କରୁଛନ୍ତି। ସରକାର ଆଉ କେତେଦିନ ଚୁପ୍ ରହିବେ ତାହା ଆଗକୁ ଜଣାପଡିବ।

### ସ୍ପୋର୍ଟ କ୍ଲାଇମ୍ବିଂ ଲେଭେଲ-୧ ପ୍ରଶିକ୍ଷଣ

## କଳାହାଣ୍ଡିରୁ ଓଡ଼ିଶାର ପ୍ରଥମ ଗ୍ରୁପ୍‌ର ଦିଲ୍ଲୀ ଯାତ୍ରା




ଭବାନୀପାଟଣା,୨୮ ।୪(ସମିସ): କଳାହାଣ୍ଡିର ଖ୍ୟାତିସମ୍ପନ୍ନ ଅନ୍ତର୍ଜାତିକ ପର୍ବତାରୋହୀ ତଥା ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ଏବଂ ଜାତୀୟସ୍ତରର ବରିଷ୍ଠ ପ୍ରଶିକ୍ଷକ ପର୍ବତାରୋହୀ ରୋମାଞ୍ଚଳ ଭୋଇଙ୍କ ନେତୃତ୍ୱରେ ମଙ୍ଗଳବାର ୧୪ ଜଣିଆ ଦୁଃସାହସିକ କ୍ରୀଡାବିତ କେସିଙ୍ଗାରୁ ସମତା ଟ୍ରେନ ଯୋଗେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି। ସମସ୍ତେ ଭାରତୀୟ ପର୍ବତାରୋହଣ ସଂସ୍ଥାନ ନୂଆଦିଲ୍ଲୀ ପରିସରରେ ସ୍ପୋର୍ଟ କ୍ଲାଇମିଙ୍ଗ ଲେଭେଲ ୧ ପ୍ରଶିକ୍ଷଣ ନେବେ,ଯାହାକି ଏହା ହେଉଛି ଓଡିଶାର ପ୍ରଥମ ଗ୍ରୁପ।

ଏହି ଦଳରେ କର୍ଲାମୁଣ୍ଡା ବ୍ଲକ ଡୁଙ୍ଗୁରୀଗୁଡାର ବିକାଶ ଗହୀର, ରିଷିଡାର ତନୁଶ୍ରୀ ସାହୁ, ନର୍ଲା ବ୍ଲକ୍ ରାଣୀପଟାର ନୀହାରିକା ବୁଧିଆ, ଅସୁରଗଡର ପ୍ରିୟଙ୍କା ପୁଟେଲ, ବାଲିପଡାର ଅଜୟ ମାଝୀ, ରୁପ୍ରାର ରାଜ ମାଝୀ, ଲାଞ୍ଜିଗଡ଼ ବ୍ଲକ୍ ସିରିଗାଁର ପ୍ରତିମା ପାତ୍ର, ମ.ରାମପୁର ବ୍ଲକ୍ ଝାଲିଆଗୁଡାର ପୂଜା ଭୋଇ, ନୁନପୁରର ସସ୍ମିତା ରଣା, କବିଚନ୍ଦ୍ରପୁରର ରଞ୍ଜୁ ରଣା, ଡୁମେରଗୁଡାର ସରିତା ଦୀପ, ମୋହନଗିରିର ଜନନୀ ବିଶି ଥିବାବେଳେ ଅଫିସିଆଲ ତଥା ପ୍ରଶିକ୍ଷଣ ପାଇଁ କେସିଙ୍ଗାର ପର୍ବତାରୋହୀ ହରିଶ ବରଗ୍ତି, ୟଙ୍ଗ ବ୍ଲଡ ପବ୍ଲିକ ସ୍କୁଲର ଦ୍ୱିତୀୟବର୍ଷର ବିଜ୍ଞାନ ଛାତ୍ର ପ୍ରଜ୍ଞାନନ୍ଦ ଛତର ପ୍ରଶିକ୍ଷଣ ଗ୍ରୁପରେ ପ୍ରଥମଥର ଲାଗି ସାମିଲ ହୋଇଛନ୍ତି। ଏଥିପାଇଁ ଦୁଃସାହସିକ କ୍ରୀଡାବିତମାନେ ନିଜସ୍ୱ ଉଦ୍ୟମରେ ୧୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛନ୍ତି। ଯାହାକି ଏଭେରେଷ୍ଟ ଆରୋହୀ ଶ୍ରୀ ଭୋଇ ନେତୃତ୍ୱ ନେଇ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବା ସହିତ କେମିତି ଦୁଃସାହସିକ କ୍ରୀଡାବିତ ଛାତ୍ରଛାତ୍ରୀଗଣ ତାଙ୍କର ଏହି ଅର୍ଥ ରାଶି ପାଇ ପାରିବେ ସେହି ଦିଗରେ ସଂପୂର୍ଣ୍ଣ ପ୍ରୟାସ କରୁଛନ୍ତି। ଓଡ଼ିଶାର ପ୍ରଥମ ଗ୍ରୁପ ଭାବରେ ସଫଳତାର ସହିତ ପ୍ରଶିକ୍ଷଣ ନେଇ କଳାହାଣ୍ଡି ଜିଲ୍ଲା ସ୍ପୋର୍ଟ କ୍ଲାଇମିଙ୍ଗ କ୍ଷେତ୍ରରେ ଗର୍ବ ଓ ଗୌରବ ଅର୍ଜନ କରିବ ବୋଲି ପ୍ରକାଶ କରିଛନ୍ତି। ତତ ସଙ୍ଗେ ଆଗାମୀ ଦିନରେ ଜାତୀୟସ୍ତରରେ ତଥା ଆନ୍ତର୍ଜାତିକସ୍ତରରେ ଏହି ଦୁଃସାହସିକ କ୍ରୀଡାବିତଙ୍କୁ ପହଞ୍ଚାଇବା ଲକ୍ଷ୍ୟ ବୋଲି ଶ୍ରୀ ଭୋଇ ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କ ସାହାର୍ଯ୍ୟ ସହଯୋଗ ଲୋଡିଛନ୍ତି।

## ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମ୍ୟୋଦୟ ବୈଠକ

ନୂଆପଡ଼ା,୨୮ ।୪(ସମିସ):ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ସହ ଅନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା



ଉଦ୍ଦେଶ୍ୟରେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ,ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ରଉତ,ଉପଜିଲ୍ଲାପାଳ ସୁର୍ମି ସୋରେନ, ଏପିଡି କ୍ଷମାନିଧି ଭୋଇ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଜିଲ୍ଲାପାଳ ପାଣି ସମସ୍ୟା ଉପରେ ଗୁରୁତ୍ୱ ଦେଇ ସମ୍ବନ୍ଧିତ ବିଭାଗକୁ ଶୀଘ୍ର ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସୱାସ ମାଧ୍ୟମରେ ଅନଲାଇନ ଫାଇଲ ଓ ଚିଠିପତ୍ର ଆଦାନ ପ୍ରଦାନକୁ ତରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଯେଉଁ କାର୍ଯ୍ୟାଳୟରେ ଓସୱାସ ମାଧ୍ୟମରେ ସର୍ବାଧିକ ଫାଇଲ ଆଦାନ ପ୍ରଦାନ ହେବ, ସେହି କାର୍ଯ୍ୟାଳୟକୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ। ଉପନିର୍ଦ୍ଦେଶକ (ପରିସଂଖ୍ୟାନ) ଦିଲେଶ୍ୱର ଧରୁଆ ପୂର୍ବତନ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ବିଗତ ମାସର ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ସହ ପ୍ରତ୍ୟେକ ବିଭାଗର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ପର୍ଯ୍ୟଟନ ବିଭାଗ ସହିତ ବିଭିନ୍ନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ମଧ୍ୟ ସମୀକ୍ଷା ହୋଇଥିଲା। ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳସେଚନ, ପଞ୍ଚାୟତିରାଜ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ,ଶିକ୍ଷା,ସ୍ୱାସ୍ଥ୍ୟ, ପରିବହନ,ଜଙ୍ଗଲ,ଖଣି ଓ ଅନ୍ୟାନ୍ୟ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପଶୁ ଚିକିତ୍ସାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଖେଳପଡିଆ ପାଇଁ ଜମି ପଟ୍ଟା ପ୍ରଦାନ ଓ ନୂତନ ଭବନ ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ଭାବନା ସହ କାମ କରି ଜିଲ୍ଲାକୁ ଦ୍ରୁତ ଉନ୍ନୟନ ପଥରେ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ। ପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମଦୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ବୈଠକର ଉଦ୍ଦେଶ୍ୟ ବ୍ୟାଖ୍ୟା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ସହ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ହୋମିଓପାଥିକ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୧୪ ଏକର ଜମି ଚିହ୍ନଟ କରାଯାଇଛି। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ଉକ୍ତ ଜାଗାକୁ ଯୁଗ୍ମ ପରିଦର୍ଶନ କରିବା ପାଇଁ କହିଥିଲେ।

## ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ଘରେ ଘରେ ସ୍ୱାସ୍ଥ୍ୟସେବା

ନୂଆପଡ଼ା,୨୮ ।୪(ସମିସ):ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲ୍ଲାରେ ୮୦ବର୍ଷରୁ ଉଦ୍ଧର୍ ବରିଷ୍ଠ ନାଗରିକଙ୍କ ପାଇଁ ଘରେଘରେ ସ୍ୱାସ୍ଥ୍ୟସେବା ପ୍ରଦାନ ଅଭିଯାନ ଜାରି ରହିଛି। ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପ୍ରତ୍ୟେକ ଘରକୁ ପହଞ୍ଚି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦେଉଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୮୦ ଜଣ ବୟସ୍କ



ବ୍ୟକ୍ତିଙ୍କୁ ଯୋଜନା ଅଧୀନରେ ଚିହ୍ନଟ କରାଯାଇ ତାଙ୍କ ଘରେ ଯାଇ ଚିକିତ୍ସା ସେବା ଦିଆଯାଉଛି। ସ୍ୱାସ୍ଥ୍ୟ କର୍ମୀମାନେ ରକ୍ତଚାପ,ମଧୁମେହ ଇତ୍ୟାଦିର ପରୀକ୍ଷା କରିବା ସହ ଅନ୍ୟାନ୍ୟ ରୋଗ ପାଇଁ ଔଷଧ ଯୋଗାଇ ଦେଉଛନ୍ତି। ଏହା ସହିତ ଆବଶ୍ୟକତା ଅନୁଯାୟୀ ଫିଜିଓଥେରାପି ସେବା ମଧ୍ୟ ଘରେଘରେ ପ୍ରଦାନ କରାଯାଉଛି। ଜିଲ୍ଲାପାଳ କହିଛନ୍ତି ଯେ,ଅଭିଯାନକୁ ଆଗାମୀ ଦିନରେ ଆହୁରି ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯିବା ସହ ସମସ୍ତ ବରିଷ୍ଠ ନାଗରିକଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯିବ। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କହିଛନ୍ତି ଯେ, ଅଭିଯାନ ମାଧ୍ୟମରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଠିକ ସମୟରେ ଚିହ୍ନଟ କରିବା ସହିତ ଉଚିତ ଚିକିତ୍ସା ଯୋଗାଇ ପାରିବା ସମ୍ଭବ ହେଉଛି ବୋଲି କହିଛନ୍ତି।

## ଗୁର୍ଜିମୁଣ୍ଡାରେ ସ୍ୱାସ୍ଥ୍ୟ ଶିବିର



କେସିଙ୍ଗା,୨୮ ।୪ସମିସ) ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଲୋକଙ୍କ ପାଖରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ମଙ୍ଗଳବାର ଦିନ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଗୁର୍ଜୀମୁଣ୍ଡା ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଏସ୍‌ବିଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ ବିଶେଷଜ୍ଞ ଡାକ୍ତର ଦଳ ସାଙ୍ଗକୁ ଲ୍ୟାବଟେକ୍‌ନିସିଏନ ଓ ଔଷଧ ପତ୍ର ନେଇ ବିଶେଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଗୁର୍ଜିମୁଣ୍ଡା ଗ୍ରାମବାସୀଙ୍କ ସମେତ ପଡୋଶୀଗ୍ରାମର ଲୋକେ ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରି ମାଗଣାରେ ଔଷଧପତ୍ର ନେବା ସହିତ ଡାକ୍ତରଙ୍କ ବହୁମୂଲ୍ୟ ପରାମର୍ଶ ନେଇଥିଲେ।ସ୍ୱାସ୍ଥ୍ୟ ଶିବିରକୁ ଗୁର୍ଜିମୁଣ୍ଡା ୱାର୍ଡ ମେମ୍ବର ଓ ଅଙ୍ଗନବାଡି କମିଟି ସଭାପତି ବୈଜୟନ୍ତୀ ଦୀପ ଶୁଭାରମ୍ଭ କରିଥିବା ବେଳେ ଅଙ୍ଗନବାଡ଼ି ଦିଦି ସତ୍ୟଭାମା ବାଗଙ୍କ ସହଯୋଗରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାମକୀ ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡଙ୍ଗୀ,ଫାର୍ମାସିଷ୍ଟ ଜୋସ୍ନାରାନି ବେହେରା,ପବ୍ଲିକ ହେଲ୍ଥବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର ନାଥ ଖଟୁଆ,ବହୁମୁଖି ସ୍ୱାସ୍ଥ୍ୟ କର୍ମୀ ଯୋଗେଶ କୁମାର ଶବର,ଏଏନ୍‌ଏମ ବାସନ୍ତୀ ମାଝୀ, ଲିଲିଶ୍ରି କେଉଟ,ଏଲଟି ନିତୁ ନାଏକ, ନିରଞ୍ଜନ ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୨୦୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଯାଇ ୧୦୫ ଜଣ ରୋଗୀଙ୍କୁ ଔଷଧ ଓ ପରାମର୍ଶ ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ ପାଳନ










### କଳାହାଣ୍ଡି ବିଜେଡି

ଭବାନୀପାଟଣା,୨୮ ।୪(ସମିସ):ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ କଳାହାଣ୍ଡି ବିଜେଡି ତରଫରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନ୍ୟାୟାଳୟ ପରିସରରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରାଜ୍ୟ ଯୁବ ଉପସଭାପତି ମନୀନ୍ଦ୍ର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ପ୍ରଦୀପ ମୁଣ୍ଡ ଏବଂ ଧର୍ମେନ୍ଦ୍ର ନାଏକ ସମେତ ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ପୂର୍ବତନ ଚେୟାରମ୍ୟାନ ଆଦିତ୍ୟ ନନ୍ଦ, କୃଷକ ସାମ୍ମୁଖ୍ୟ ନେତା ସାମନ୍ତ ଖମାରି, ଯୁବନେତା ସେନାପତି ନାଏକ, ରାଜୀବ ଶତପଥୀ, ତ୍ରିଲୋଚନ ପାଣିଗ୍ରାହୀ, ପରମାନନ୍ଦ ମାଝୀ, ଶେଖ୍ ମୁନୱର, ଶିବା ସାହୁ, ପରମିତ ସିଂ, ନଗର ସଭାନେତ୍ରୀ ସୁତପା ବହିଦାର, ପ୍ରଦୀପ ପ୍ରଧାନ, ଦିନେଶ ବରଗ୍ତି, ମହେନ୍ଦ୍ର ରାଉତ, ରବି ନାଏକ, ବରକତ ଖାଁ, ପୀତବାସ ବେହେରା, ହାରାମଣୀ ଗଣ୍ଡ, ବିଳାସିନୀ ରାଉତ, ମାନସ ସିନ୍ଧୁର, ସୁରଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଜୁନାଗଡ଼ କୋର୍ଟ

ଜୁନାଗଡ଼: ଜୁନାଗଡ଼ କୋର୍ଟ ପରିସରରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାରେ ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନ୍ୟାୟଧିକାରୀ କମ ଜେଏମ୍‌ଏଫସି ପଦ୍ମଲାଭ ମାଝୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଦିପେନ୍ଦ୍ର ସିଂ ରାଠୋଡ଼ ଜେଏମ୍‌ଏଫସି କମ ସିଭିଲ ଜଜଜୁନିଅର ଡିଭିଜନଙ୍କ ସହ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନ ଯିବି ସୁରେଶ ପଣ୍ଡା, ଅଶୋକ ପାତ୍ର,ବାଳକୃଷ୍ଣ ଅଚାରୀ,ସମ୍ପାଦକ ରମେଶ କୁମାର ନାଏକ ମଞ୍ଚାସିନ ଥିଲେ। ମଧୁବାବୁଙ୍କ ଜୀବନି ଉପରେ ସମସ୍ତ ବକ୍ତା ଅଭିଭାଷଣରେ ଉଚ୍ଚ କୋଟିର ବ୍ୟକ୍ତିତ୍ୱ ଥିଲେ ମଧୁବାବୁ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରିଷ୍ଠ ଆଇନଜୀବୀ ହିମାଂଶୁ ବରାଡ଼,ବାଳକୃଷ୍ଣ ଆଚାରି, ଦିପେନ ସାହୁ, ଏବଂ ରମେଶ ନାଏକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଜୁନାଗଡ଼ ବାରର ସମସ୍ତ ଓକିଲ ଉପସ୍ଥିତ ଥିଲେ।

### ଜିଲ୍ଲା ଓକିଲ ସଂଘ ଓ ସିଭିଲ ବାର୍

ନୂଆପଡା:ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଦୁଇଟି ଓକିଲ ସଂଘ ଜିଲ୍ଲା ଓକିଲ ସଂଘ ଏବଂ ସିଭିଲ ବାର ଆସୋସିଏସନ ପକ୍ଷରୁ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ବାର ଆସୋସିଏସନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର ଅଧ୍ୟକ୍ଷତା କରିଥିବା ବେଳେ ପଦମପୁର ବରିଷ୍ଠ ଆଇନଜୀବୀ ଗୌନ୍ତିଆ କୁମାର ସାହୁ ଯୋଗ ଦେଇ ଆଇନ ସେବା ଓ ସହାୟତା ଏକ ମହାନ କାର୍ଯ୍ୟ ହୋଇଥିବା ବେଳେ ଅଧ୍ୟୟନ ଓ ଅଭ୍ୟାସ ଦ୍ୱାରା ନିଜ ମାମଲାକୁ ନ୍ୟାୟ ଦେବାରେ ସକ୍ଷମ ହେବେ ବୋଲି ଆହ୍ୱାନ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଡ଼.ମହେନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ପାଦକ ପ୍ୟାରେଲାଲ ଦେୱାଙ୍ଗନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଆଇନ ସେବା ପ୍ରଦାନ କାର୍ଯ୍ୟ କରିଥିବା ନିୟୋଜିତ ଥିବା ତିନି ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ମୂରଲୀଧର ପଣ୍ଡା, ଆଇନଜୀବୀ ରମେଶ ଭୋଇଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ମୁନସୀ ରାମ ଗୁଲାଲ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ପ୍ରକାଶ ସ୍ୱାଇଁ ମାନପତ୍ର ପଠନ କରିଥିବା ବେଳେ କୋଷାଧ୍ୟକ୍ଷ ଯୋଗେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସିଭିଲ ବାର ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ବିଶ୍ୱମଣି ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ଲିଙ୍ଗରାଜ ଆଇନ କଲେଜ ଅଧ୍ୟକ୍ଷ ଡ.ଏନସି. ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଇନ ଉପରେ ଅଭିଜ୍ଞତା ଅଧ୍ୟୟନ ହିଁ ଜୀବନରେ ମୂଳ ମନ୍ତ୍ର ହୋଇ ନ୍ୟାୟ ପ୍ରଦାନ ଦିଗରେ କାର୍ଯ୍ୟକୁ ଆସିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟାଣ୍ଡିଂ କାଉନସିଲ ଓଡ଼ିଶା ହାଇକୋର୍ଟ ଜ୍ଞାନଲୋକ ମହାନ୍ତି, ବରପାଲି ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### କଳାହାଣ୍ଡି ଓକିଲ ସଂଘ

ଭବାନୀପାଟଣା: ଭବାନୀପାଟଣାସ୍ଥିତ ଜିଲ୍ଲା ଜଜ୍‌କୋର୍ଟ ପରିସରରେ କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ମଧୁସୂଦନ ଜୟନ୍ତୀ ଓ ଆଇନ୍‌ଜୀବୀ ଦିବସ ପାଳିତ ହୋଇଛି। ଓକିଲ ସଂଘ ସଭାପତି ସନ୍ତୋଷ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଓକିଲ ଶୋଷାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ଓଡ଼ିଶା ରାଜ୍ୟ ବାର୍‌କାଉନସିଲ ସଦସ୍ୟ ଧନଞ୍ଜୟ ମୁଣ୍ଡ ସମ୍ମାନିତ ଅତିଥି ଏବଂ ଜୟ ପ୍ରକାଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ଓକିଲ ସଂଘ ଉପସଭାପତି ମହେଶ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିହାର ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ପୂର୍ବରୁ ପୁରୁଣା କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଓକିଲ ଶ୍ରବଣ ଅଗ୍ରୱାଲ ଓ ସୁଧାଂଶୁ ଶେଖର ଦେଓ ଙ୍କୁ କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ବରିଷ୍ଠ ଓକିଲ ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ହରଜିନ୍ଦର୍ ସିଂ, ସୁଧାଂଶୁ ନନ୍ଦ, ପ୍ରଦୀପ ବିହାର ଓ ଜ୍ୟୋସ୍ନା ମଞ୍ଜରୀ ମିଶ୍ର ଆଇନ୍‌ଜୀବୀ ଦିବସର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଯୁଗ୍ମ ସମ୍ପାଦକ ହେମନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।



### ଧର୍ମଗଡ ଓକିଲ ସଂଘ

ଧର୍ମଗଡ଼: ଧର୍ମଗଡ ଓକିଲ ସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ଓକିଲ ସଂଘ ସଭାପତି ଭବାନୀ ଚରଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଗୁଣ୍ଡିଚା ସାମନ୍ତ ସିଂହାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ବରିଷ୍ଠ ଦେୱାନୀ ଜଜ୍ ଇପସି ମହାନ୍ତି ମୁଖ୍ୟ ବକ୍ତା, ଏସଡିଜେଏମ୍ ଶ୍ରୀକାନ୍ତ ପାଢ଼ୀ, ଜେଏମ୍‌ଏଫ୍‌ସି ଚନ୍ଦନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓକିଲ ସଂଘର ସାଧାରଣ ସଂପାଦକ ଭବାନୀ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ସୁବାସ ପାଣିଗ୍ରାହୀ,ପ୍ରତାପ ସୁନାନୀ, ସଂଯୁକ୍ତା ପଣ୍ଡା, ଅଶ୍ୱିନୀ ପଣ୍ଡା , ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ଥବିର ପ୍ରସାଦ ସାହୁ, ସନ୍ତୋଷ ମେହେର, ସୁମନ୍ତ ପଣ୍ଡା, କୃପାସିନ୍ଧୁ ପଣ୍ଡା, ହିମାଂଶୁ ପଣା ସମେତ ବହୁ ଆଇନଜୀବୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଆଇନଜୀବୀ କମଳିନୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଇନଜୀବୀ ଚିନ୍ତାମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ମାସର ମୃତ ଶିଶୁ ଜନ୍ମକୁ ନେଇ ସନ୍ଦେହ

ଜୟପାଟଣା,୨୮ ।୪(ସମିସ): ଜୟପାଟଣା ବ୍ଲକ୍ ମଙ୍ଗଳପୁର ଗାଁରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି।ଜଣେ ୬ମାସର ଗର୍ଭବତୀ ମୃତ ଶିଶୁ ସନ୍ତାନ ଜନ୍ମ ଦେବା ପରେ, ଏହା ସ୍ୱାଭାବିକ ଗର୍ଭପାତ କିମ୍ବା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ସୂଚନା ଅନୁସାରେ, ଗତ ସୋମବାର ମଙ୍ଗଳପୁର ଗାଁର ଜଣେ ଗର୍ଭବତୀଙ୍କ ହଠାତ୍ ପ୍ରସବ ଯନ୍ତ୍ରଣା ହେବାରୁ

**ପୁଲିସର ଛାନଭିନ୍ ଜାରି, ଫରେନସିକ୍ ଲ୍ୟାବ୍ ଗଲା ମୃତଦେହ**

ପରିବାର ଲୋକେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେଉଥିଲେ। ମାତ୍ର ମେଡିକାଲରେ ପହଞ୍ଚିବା ପୂର୍ବରୁ ବାଟରେ ହିଁ ମହିଳା ଜଣକ ମୃତ ଶିଶୁ ସନ୍ତାନ ପ୍ରସବ କରିଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଶିଶୁଟିର ମୃତ୍ୟୁକୁ ନେଇ ଡାକ୍ତରୀଦଳ ସନ୍ଦେହ ପ୍ରକାଶ କରିଥିଲେ, ଯାହା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ଏହି ଘଟଣାରେ ଜୟପାଟଣା ଥାନାରେ କେସ୍ ନମ୍ବର ୭/୨୬ ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମୃତ୍ୟୁର ପ୍ରକୃତ କାରଣ ଖୋଜିବା ପାଇଁ ଶିଶୁର ମୃତଦେହକୁ ନମୁନା ପରୀକ୍ଷା ଲାଗି ଭବାନୀପାଟଣା ଫରେନସିକ୍ ଲ୍ୟାବ୍‌କୁ ପଠାଯାଇଛି। ଜୟପାଟଣା ମେଡିକାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏକ ଡାକ୍ତରୀ ତଦନ୍ତ ଚଳାଇଛନ୍ତି। ବେଆଇନ ଗର୍ଭପାତ ଏକ ସଙ୍ଗିନ ଅପରାଧ। ସରକାରୀ ନିୟମ ଅନୁସାରେ ଗର୍ଭପାତ କରାଇବା ଓ ଏଥିରେ ସହାୟତା କରିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଦଣ୍ଡବିଧାନ ରହିଛି। ଯଦି ଫରେନସିକ୍ ରିପୋର୍ଟରେ କୌଣସି ଅପ୍ରାକୃତିକ ତଥ୍ୟ ସାମ୍ନାକୁ ଆସେ, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ସୂଚନା ଦେଇଛି।

## ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଜୟପାଟଣା,୨୮ ।୪(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଧନସୁଲି ଗ୍ରାମ ନିକଟସ୍ଥ ଏକ ବିଲରେ ଥିବା ନିମ୍ବ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତାଶବ ଜୟପାଟଣା ପୁଲିସ ଉଦ୍ଧାର କରିଛି। ମୃତକ ଜୁନାଗଡ଼ ଥାନା ଛୋରିଆଗଡ଼ ଅଞ୍ଚଳର ସୁବଳ ବାଗ (୫୫) ।ସୂଚନା ଅନୁଯାୟୀ, ସୁବଳ ପ୍ରାୟ ୨୫ ବର୍ଷ ହେବ ନିଜ ଗାଁ ଛାଡ଼ି ଜୟପାଟଣା ପ୍ରଧାନୀପଡ଼ାରେ ରହି ଆସୁଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଧନସୁଲିଗ୍ରାମ ନିକଟସ୍ଥ ବିଲରେ ଥିବା ନିମ୍ବ ଗଛରେ ବେକରେ ଦଉଡି ଦେଇ ସୁବଳ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଜୟପାଟଣା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ପକ୍ଷରୁ ଛୋରିଆଗଡ଼ରେ ରହୁଥିବା ସୁବଳଙ୍କ ପ୍ରଥମ ପତ୍ନୀ ଓ ପରିବାରକୁ ଖବର ଦିଆଯାଇଥିଲେ ମଧ୍ୟ ସେମାନେ ଆସିବାକୁ ମନା କରିଦେଇଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ, ଧନସୁଲିଗାଁରେ ରହୁଥିବା ସୁବଳଙ୍କ ଦ୍ୱିତୀୟ ପତ୍ନୀଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିଲା।ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ସମ୍ପର୍କିୟଙ୍କୁ ହସ୍ତାନ୍ତର କରାଯାଇଥିଲା ଓ ପରେ ଶବସତ୍କାର ସମ୍ପନ୍ନ ହୋଇଛି। ଏହି ଘଟଣାରେ ଜୟପାଟଣା ପୁଲିସ କେସ୍ ନମ୍ବର ୮/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ସୂଚନା ଦେଇଛି।

